# NATIONAL NEWS BULLETIN (ODIA)

**25 September - 2025**

**Morning Bulletin : 7.15 A.M.**

*******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ବିଶ୍ୱ ଖାଦ୍ୟମେଳା-୨୦୨୫କୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନଙ୍କ କାର୍ଯ୍ୟକାଳ ବୃଦ୍ଧି କଲେ ସରକାର
- ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ଉତ୍ପାଦକତା ଭିତ୍ତିକ ବୋନସ୍
- କେନ୍ଦ୍ର ସରକାରଙ୍କ ପଦକ୍ଷେପ ଯୋଗୁଁ ଆମଦାନୀ ପରିବର୍ତ୍ତେ ପ୍ରତିରକ୍ଷା ରପ୍ତାନୀ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି ଭାରତ

ଏବଂ

- ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ୪୧ ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କଲା ଭାରତ

## ପିଏମ୍ ୱାର୍ଲ୍ଡଫୁଡ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବିଶ୍ୱ ଖାଦ୍ୟମେଳା-୨୦୨୫କୁ ଉଦ୍‌ଘାଟନ କରିବେ । ଏହି

୪ ଦିନିଆ ମେଳାରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୋଷଣଯୁକ୍ତ ଖାଦ୍ୟ ଉତ୍ପାଦନ ଉପରେ ପ୍ରଦର୍ଶନ କରାଯିବ । ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଦେଶରେ ଘଟିଥିବା ବିକାଶ ଏବଂ ଏ କ୍ଷେତ୍ରରେ ପୁଞ୍ଜି ନିବେଶ ଓ ଆନ୍ତର୍ଜାତିକ ସ୍ତରରେ ସହଯୋଗ ସଂପର୍କରେ ମଧ୍ୟ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ।

ଏହି ଖାଦ୍ୟ ସମ୍ମିଳନୀରେ ୨୧ଟିରୁ ଅଧିକ ଦେଶ ଏବଂ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭିନ୍ନ ବିଭାଗ ଗୁଡ଼ିକ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ପାଇଁ ୨୬ ହଜାର ହିତାଧିକାରୀଙ୍କୁ ୭୭୦ କୋଟି ଟଙ୍କାରୁ ଅଧିକ କ୍ରେଡିଟ୍ ଲିଙ୍କ୍‌ଡ୍ ସହାୟତା ପ୍ରଦାନ କରିବେ । ସମ୍ମିଳନୀରେ ଅନେକ ଗୁଡ଼ିଏ ଗୋଲ୍ ଟେବୁଲ୍ ଆଲୋଚନା, ବୈଷୟିକ ଅଧିବେଶନ ଓ ପାରସ୍ପରିକ ଆଲୋଚନା ଅନୁଷ୍ଠିତ ହେବ ।

## କ୍ୟାବିନେଟ୍ – ସି.ସି.ଇ.ଏ.

ଭାରତର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଇକୋସିଷ୍ଟମ୍‌କୁ ପୁନର୍ଜୀବିତ କରିବାପାଇଁ କେନ୍ଦ୍ର କ୍ୟାବିନେଟ୍ ୬୯ ହଜାର ୭୨୫ କୋଟି ଟଙ୍କାର ଏକ ପ୍ୟାକେଜ୍‌କୁ ଅନୁମୋଦନ କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ୟାକେଜ୍ ଘରୋଇ କ୍ଷମତାକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ଆର୍ଥିକ ସହାୟତାକୁ ଉନ୍ନତ କରିବା, ସବୁଜ କ୍ଷେତ୍ର ଏବଂ ବ୍ରାଉନ୍ ଫିଲ୍‌ଡ୍ ଜାହାଜ ନିର୍ମାଣ ବିକାଶକୁ ପ୍ରୋତ୍ସାହିତ କରିବାପାଇଁ ଏକ ୪ ସ୍ତରୀୟ ପଦ୍ଧତି ପ୍ରଚଳନ କରୁଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଏହା ବୈଷୟିକ କ୍ଷମତା ଏବଂ ଦକ୍ଷତା ବୃଦ୍ଧି କରିବା ସହିତ ଏକ ଦୃଢ଼ ସାମୁଦ୍ରିକ ଭିତ୍ତିଭୂମି ସୃଷ୍ଟି କରିବାପାଇଁ ଆଇନଗତ, ଟିକସ ଏବଂ ନୀତିଗତ ସଂସ୍କାରକୁ କାର୍ଯ୍ୟକାରୀ କରିବ । ମନ୍ତ୍ରୀ କହିଛନ୍ତି, ଏହି ପ୍ୟାକେଜ୍ ଅଧୀନରେ ଜାହାଜ ନିର୍ମାଣ ଆର୍ଥିକ ସହାୟତା ଯୋଜନାକୁ ୨୦୩୬ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବ । ଏହାର ମୋଟ୍ କର୍ପସ୍ ୨୪ ହଜାର ୭୩୬ କୋଟି ଟଙ୍କା ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏହି ଯୋଜନା ଭାରତରେ ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବାପାଇଁ ଲକ୍ଷ୍ୟ ରଖିଛି ଏବଂ ଏଥିରେ ୪ ହଜାର କୋଟି ଟଙ୍କାରୁ ଅଧିକ ଆବଣ୍ଟନ ସହିତ ଏକ ଜାହାଜ ଭାଙ୍ଗିବା କ୍ରେଡିଟ୍ ନୋଟ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି ।

ମନ୍ତ୍ରୀ କହିଛନ୍ତି, ସମସ୍ତ ପଦକ୍ଷେପର କାର୍ଯ୍ୟାନ୍ୱୟନ ତଦାରଖ କରିବାପାଇଁ ଏକ ଜାତୀୟ ନିର୍ମାଣ ମିଶନ ମଧ୍ୟ ପ୍ରତିଷ୍ଠା କରାଯିବ ।

**V/O (Aswini)**

ଶ୍ରୀ ବୈଷ୍ଣବ କହିଛନ୍ତି, ପଞ୍ଚଦଶ ଅର୍ଥ କମିଶନ୍ ୨୦୨୧-୨୨ରୁ ୨୦୨୫-୨୬ ଅବଧି ପାଇଁ ୨ ହଜାର ୨୭୭ କୋଟି ଟଙ୍କାରୁ ଅଧିକ ବ୍ୟୟ ସହିତ ଦକ୍ଷତା ବିକାଶ ଏବଂ ମାନବ ସମ୍ବଳ ବିକାଶ ଉପରେ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ବିଭାଗ-ଡି.ଏସ୍.ଆଇ.ଆର୍., ବୈଜ୍ଞାନିକ ଏବଂ ଶିଳ୍ପ ପରିଷଦ-ସି.ଏସ୍.ଆଇ.ଆର୍. ଯୋଜନାକୁ ଅନୁମୋଦନ କରିଛି । ସେ କହିଛନ୍ତି, ଏହି ଯୋଜନା ସି.ଏସ୍.ଆଇ.ଆର୍.ଦ୍ୱାରା କାର୍ଯ୍ୟକାରୀ ହେଉଛି ଏବଂ ଏହା ଦେଶର ସମସ୍ତ ଗବେଷଣା ଓ ବିକାଶ ପ୍ରତିଷ୍ଠାନ, ଜାତୀୟ

ପ୍ରୟୋଗଶାଳା, ଜାତୀୟ ଗୁରୁତ୍ୱ ପ୍ରତିଷ୍ଠାନ, ପ୍ରସିଦ୍ଧ ପ୍ରତିଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ । ମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ବିଶ୍ୱବିଦ୍ୟାଳୟ, ଶିଳ୍ପ, ଜାତୀୟ ଗବେଷଣା, ବିକାଶ ପ୍ରୟୋଗଶାଳା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜୀବିକା ଗଠନ କରିବାକୁ ଆକାଂକ୍ଷୀ ଯୁବକ, ଉତ୍ସାହୀ ଗବେଷକଙ୍କପାଇଁ ଏକ ବିସ୍ତୃତ ମଞ୍ଚ ପ୍ରଦାନ କରେ । ସେ କହିଛନ୍ତି, ପ୍ରସିଦ୍ଧ ବୈଜ୍ଞାନିକ ଏବଂ ପ୍ରଫେସରମାନଙ୍କ ମାର୍ଗଦର୍ଶନରେ ଏହି ଯୋଜନା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଇଞ୍ଜିନିୟରିଂ, ଚିକିତ୍ସା ଏବଂ ଗାଣିତିକ ବିଜ୍ଞାନ - STEMMରେ ଅଭିବୃଦ୍ଧିକୁ ମଧ୍ୟ ବିଶେଷ ଭାବରେ ପ୍ରୋତ୍ସାହିତ କରିବ ।

## ସିଡିଏସ୍- ଟେନିୟର୍ ଏକ୍ସଟେଣ୍ଡ୍

କେନ୍ଦ୍ର ସରକାର ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ମଇମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ସୂଚନା ଅନୁଯାୟୀ, ନିଯୁକ୍ତି ସଂପର୍କିତ କ୍ୟାବିନେଟ୍ କମିଟି ଜେନେରାଲ୍ ଚୌହାନଙ୍କ କାର୍ଯ୍ୟକାଳ ବୃଦ୍ଧି ସଂପର୍କିତ ପ୍ରସ୍ତାବକୁ ଗତକାଲି ଅନୁଷ୍ଠିତ ବୈଠକରେ ମଂଜୁରୀ ପ୍ରଦାନ କରିଛନ୍ତି । ସେ ଆସନ୍ତାବର୍ଷ ମଇ ମାସ ୩୦ ତାରିଖ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଉଭୟ ପ୍ରତିରକ୍ଷା ମୁଖ୍ୟ ଓ ପ୍ରତିରକ୍ଷା ବ୍ୟାପାର ବିଭାଗର ସଚିବ ଭାବେ କାର୍ଯ୍ୟ କରିବେ । ଉଭୟ ପ୍ରତିରକ୍ଷା ମୁଖ୍ୟ ଓ ପ୍ରତିରକ୍ଷା ବିଭାଗ, ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି ।

ଜେନେରାଲ୍ ଚୌହାନ୍‌ଙ୍କୁ ୨୦୨୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ପ୍ରତିରକ୍ଷା ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା । ପୂର୍ବରୁ ସେନାରୁ ଅବସର ପରେ ଜେନେରାଲ୍ ଚୌହାନ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । ଦେଶର ବାୟୁସେନା, ନୌସେନା ଏବଂ ସ୍ଥଳସେନାକୁ ନେଇ ଏକୀକୃତ କମାଣ୍ଡ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ପ୍ରତିରକ୍ଷା ମୁଖ୍ୟ ପଦବୀ ସୃଷ୍ଟି କରାଯାଇଥିଲା ।

# ବୈଷ୍ଣବ-କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ୧୦ ଲକ୍ଷ ୯୧ ହଜାର ରେଳ କର୍ମଚାରୀଙ୍କୁ ୧ ହଜାର ୮୬୫ କୋଟି ଟଙ୍କାରୁ ଅଧିକ ୭୮ ଦିନର ଉତ୍ପାଦକତା ଭିତ୍ତିକ ବୋନସ୍ ପ୍ରଦାନ କରିବାକୁ ଅନୁମୋଦନ କରିଛି ।

ପ୍ରତିବର୍ଷ ଦୁର୍ଗାପୂଜା ଏବଂ ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ବୋନସ ପ୍ରଦାନ କରାଯାଇଥାଏ । ରେଳ କର୍ମଚାରୀଙ୍କୁ ରେଳବାଇର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ସହ ପ୍ରେରଣା ଦେବାପାଇଁ ବୋନସ ଏକ ପ୍ରୋତ୍ସାହନ ଭାବେ କାର୍ଯ୍ୟ କରିଥାଏ । ଗତବର୍ଷ ୧୧ ଲକ୍ଷ ୭୨ ହଜାର ୨୪୦ ଜଣ କର୍ମଚାରୀଙ୍କ ପାଇଁ ୨ ହଜାର ୨୯ କୋଟି ଟଙ୍କାର ବୋନସ୍ ମଂଜୁର କରାଯାଇଥିଲା । ସୂଚନାଯୋଗ୍ୟ ଭାରତୀୟ ରେଳ ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୬୧୪ ନିୟୁତ ଟନ୍ ମାଲ୍ ପରିବହନ ଏବଂ ୭ ଦଶମିକ ୩ ବିଲିୟନ ଯାତ୍ରୀ ପରିବହନ କରି ରେକର୍ଡ ସୃଷ୍ଟି କରିଛି ।

# ସେବାପର୍ବ-ଡିଫେନ୍ସ ଇନୋଭେସନ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାରଙ୍କ  ପ୍ରତିରକ୍ଷା ଉତ୍କର୍ଷତା ପାଇଁ କିଭଳି ଭାରତର ପ୍ରତିରକ୍ଷା ନବସୃଜନ ଆଜି ବିଶ୍ୱସ୍ତରୀୟ ହୋଇପାରିଛି ଏବଂ ଭାରତ ଆମଦାନୀ ବଦଳରେ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର ରପ୍ତାନୀକାରୀ ଦେଶ ଭାବେ ପରିଗଣିତ ହୋଇଛି ।

ନରେନ୍ଦ୍ର ମୋଦୀ ସରକାର ଗତ ୧୧ ବର୍ଷ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ନବସୃଜନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି । ପ୍ରତିରକ୍ଷା ଉତ୍କର୍ଷତା ପାଇଁ ୨୦୧୮ରେ ଆରମ୍ଭ କରାଯାଇଥିବା ଆଇ-ଡେକ୍ସ ଉଦ୍ୟମ ଦେଶରେ ପ୍ରତିରକ୍ଷା କ୍ଷେତ୍ରରେ ଏକ ଇକୋସିଷ୍ଟମ୍ ସୃଷ୍ଟି କରିବା ସହିତ ନବସୃଜନକୁ ପ୍ରୋତ୍ସାହିତ କରୁଛି। ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକାଶକୁ ଉତ୍ସାହିତ କରିବା ଲାଗି ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଶିଳ୍ପ, ଷ୍ଟାର୍ଟଅପ୍ ଗୁଡ଼ିକୁ ସରକାର ସୁଯୋଗ ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ମହାବଳିପୁରମ୍‌ରେ ପ୍ରତିରକ୍ଷା ସମ୍ମିଳନୀ ଉଦ୍‌ଘାଟନ କରି ଏବଂ ଆଇ-ଡେକ୍ସ ମାଧ୍ୟମରେ ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି

**V/O-PM Defence**

ପ୍ରତିରକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ବୃଦ୍ଧି ନିମନ୍ତେ ସରକାର ୧ କୋଟି ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ପ୍ରଦାନ କରିବା ସହ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍ ଏବଂ ଗବେଷଣା ବିକାଶ ପ୍ରତିଷ୍ଠାନ ଗୁଡ଼ିକୁ ଏ କ୍ଷେତ୍ରରେ ସମର୍ଥନ କରିଛନ୍ତି । ପ୍ରତିରକ୍ଷା ବିଭାଗ ଆଇ-ଡେକ୍ସ ସମର୍ଥିତ ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ ଠାରୁ ୨ହଜାର ୪୦୦ କୋଟିରୁ ଅଧିକ ଟଙ୍କାର ୪୩ଟି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି । ପ୍ରାୟ ୬୧୯ଟି ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ ସହିତ ୪୩୦ଟି ଆଇ-ଡେକ୍ସ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଗତ କିଛିବର୍ଷ ମଧ୍ୟରେ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏକ ଦୃଢ଼ ବ୍ୟବସ୍ଥା ସୃଷ୍ଟି କରିବା ଲାଗି କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତରେ ପ୍ରତିରକ୍ଷାକୁ ଆତ୍ମନିର୍ଭରଶୀଳ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି ।

**Seba Parba Closing**

# ଜିଏସ୍‌ଟି-ଟ୍ରିଟମେଣ୍ଟ ପ୍ଲାଣ୍ଟ

ଦେଶରେ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର କେବଳ ସାମଗ୍ରୀ ଓ ସେବାଗୁଡ଼ିକର ଦର ହ୍ରାସ କରି ନାହିଁ, ବରଂ ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳୀକରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି । ଚଳିତମାସ ୨୨ ତାରିଖରୁ ଦେଶର ଲୋକମାନେ ଜିଏସଟି ସଂସ୍କାରର ଲାଭ ପାଇବା ଆରମ୍ଭ କରିଛନ୍ତି । ପୂର୍ବର ୪ ଥାକିଆ ଜିଏସ୍‌ଟି ବଦଳରେ ୫ ଏବଂ ୧୮ ପ୍ରତିଶତର ଦୁଇଟି ଜିଏସଟି ସ୍ତର ଅନେକ ଗୁଡ଼ିଏ ସେବା ଓ ସାମଗ୍ରୀ ଉପରେ ଟିକସ ହ୍ରାସ କରିଛି । ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଅଧୀନରେ ସରକାର ଟ୍ରିଟମେଣ୍ଟ ପ୍ଲାଣ୍ଟ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ଉପରେ ଜିଏସଟିକୁ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଟ୍ରିଷ୍ଟମେଣ୍ଟ ପ୍ଲାଣ୍ଟ ଉପରେ ଟିକସ ହ୍ରାସ କରିବା ଦ୍ୱାରା ଶିଳ୍ପ ଗୁଡ଼ିକ ବର୍ଜ୍ୟବସ୍ତୁକୁ ସଠିକ୍ ଭାବେ ନଷ୍ଟ କରିବା ସହ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରିବା ଏବଂ ଶିଳ୍ପ କ୍ଷେତ୍ରରେ ସ୍ଥାୟୀ ବିକାଶକୁ ସମର୍ଥନ କରିବାକୁ ଆଗଭର ହେବେ । ଜିଏସଟି ହାର ହ୍ରାସ' ଆବର୍ଜନା ପୃଥକୀକରଣ, ପ୍ଲାଣ୍ଟ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଭଳି କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବ ।

ଅନ୍ୟପକ୍ଷରେ ଜୈବିକ ଉପାୟରେ ନଷ୍ଟ କରାଯାଇ ପାରୁଥିବା ବ୍ୟାଗ୍ ଉପରେ ଜିଏସଟି ହାର ୧୮ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ

ଆଗାମୀ ଦିନରେ ଏକକ ପ୍ଲାଷ୍ଟିକ୍‌ର ବ୍ୟବହାର ମଧ୍ୟ ହ୍ରାସ ପାଇବ । ଅନ୍ୟପକ୍ଷରେ ଚାଷୀମାନଙ୍କୁ ସମର୍ଥନ କରିବା ଓ ସୌର ପମ୍ପ୍‌ଗୁଡ଼ିକୁ ଅଧିକ ସୁଲଭ କରିବା ଉଦ୍ଦେଶ୍ୟରେ ଜିଏସଟି ପରିଷଦ ସୌର ଏବଂ ବାୟୁ ଚାଳିତ ଉପକରଣ ଉପରେ ଜିଏସଟି ହାର ୧୨ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏଥିଲାଗି ସୌର କୁକର୍, ସୌରଶକ୍ତି ଜେନେରେଟର, ୱିଣ୍ଡ୍ ମିଲ୍ ଏବଂ ପବନ ଚାଳିତ ବିଦ୍ୟୁତ୍ ଜେନେରେଟର ସମେତ ଉପକରଣଗୁଡ଼ିକ ଉପରେ କେବଳ ୫ ପ୍ରତିଶତ ଜିଏସଟି ଲାଗୁ କରାଯାଇଛି ।

# ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ଗତକାଲି ସୁପରଫୋର୍ ପର୍ଯ୍ୟାୟରେ ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୪୧ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ଫାଇନାଲ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୬୮ରନ୍ ସଂଗ୍ରହ କରିଥିଲା । ଅଭିଷେକ ଶର୍ମା ୩୭ଟି ବଲ୍‌ରେ ୭୫ ରନ୍ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୩୮ ରନ୍ କରିଥିଲେ । ଏହାର ଜବାବରେ ବାଂଲାଦେଶ ୧୯ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ ସ୍କୋର କରିଥିଲା ।

ଆଜି ଅନ୍ୟ ଏକ ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟ ହାସଲ କରିବ, ସେହି ଦଳ ଭାରତ ସହ ଫାଇନାଲ୍ ମ୍ୟାଚ୍ ଖେଳିବ ।